

Notes

# ୭

# ରାଷ୍ଟ୍ରୀୟ ନିର୍ଦ୍ଦେଶମୂଳକ ନୀତି ଓ ମୌଳିକ କର୍ତ୍ତବ୍ୟ

ଭାରତର ସମ୍ବିଧାନ ଭାରତକୁ ଗୋଟିଏ ରାଜନୈତିକ ଗଣତନ୍ତ୍ରରେ ପରିଣତ କରିବା ପାଇଁ କେବଳ ଲକ୍ଷ୍ୟ ରଖି ନାହିଁ କିନ୍ତୁ ଲୋକମାନଙ୍କୁ ସାମାଜିକ-ଅର୍ଥନୈତିକ ନ୍ୟାୟ ପ୍ରଦାନ କରି ଗୋଟିଏ ଜନମଙ୍ଗଳ ରାଷ୍ଟ୍ରରେ ପରିଣତ କରିବାର ଲକ୍ଷ୍ୟ ଅଛି । ଏହି ବ୍ୟବସ୍ଥାକୁ ମୁଣ୍ଡରେ ରଖି ଆମ ସମ୍ବିଧାନ ଚତୁର୍ଥ ଅଧ୍ୟାୟରେ କେତେକ ନୀତିକୁ ଅନ୍ତର୍ଭୁକ୍ତ କରିଛି । ସେହି ବ୍ୟବସ୍ଥା ସବୁକୁ ରାଷ୍ଟ୍ରୀୟ ନିର୍ଦ୍ଦେଶମୂଳକ ନୀତି କୁହାଯାଏ । ଏହି ଅଧ୍ୟାୟରେ ଆମେ ରାଷ୍ଟ୍ରୀୟ ନିର୍ଦ୍ଦେଶମୂଳକ ନୀତି ବିଷୟରେ ସଂପୂର୍ଣ୍ଣ ପାଠ କରିବା ।

ଏହା କୁହାଯାଏ ଯେ, ଅଧିକାର ସହିତ କର୍ତ୍ତବ୍ୟକୁ ବ୍ୟବହାର କଲେ ଗୁରୁତ୍ୱ ବହୁତ ବଢ଼ିଯାଏ । ୪୨ତମ ସମ୍ବିଧାନ ସଂଶୋଧନ ଆଇନ୍ ୧୯୭୬ ମସିହାରେ ଆମ ସମ୍ବିଧାନରେ ୫୧ (କ) ଧାରାରେ ମୌଳିକ କର୍ତ୍ତବ୍ୟକୁ ଅନ୍ତର୍ଭୁକ୍ତ କରିଅଛି । ପ୍ରଥମତଃ ସମ୍ବିଧାନରେ କର୍ତ୍ତବ୍ୟ ବିଷୟରେ କୌଣସି ଧାରଣା ନଥିଲା । ଏହା ଭାବନା ଥିଲା ଯେ ନାଗରିକମାନେ ସେମାନଙ୍କର କର୍ତ୍ତବ୍ୟ ସ୍ୱତଃ ପ୍ରବୃତ୍ତ ଭାବରେ ପୂରଣ କରିବେ । ଆମେ ଏହି ଅଧ୍ୟାୟରେ କର୍ତ୍ତବ୍ୟ ବିଷୟରେ ଜାଣିବା ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟ ପଢ଼ି ସାରିଲା ପରେ, ତୁମେ

- ରାଷ୍ଟ୍ରୀୟ ନିର୍ଦ୍ଦେଶମୂଳକ ନୀତି ବିଷୟରେ ଜାଣିବ ।
- ରାଷ୍ଟ୍ରୀୟ ନିର୍ଦ୍ଦେଶମୂଳକ ନୀତିର ଚାରି ଭାଗରେ ବର୍ଗୀକରଣ କରିପାରିବ । ଯଥା – ଅର୍ଥନୈତିକ ଓ ସାମାଜିକ, ଗାନ୍ଧୀବାଦୀ, ପ୍ରଶାସନିକ ଏବଂ ଆନ୍ତର୍ଜାତିକ ଶାନ୍ତି ସହିତ ସଂପର୍କ ଥିବା କେତେକ ନୀତି ।
- ସାର୍ବଜନୀନ ଶିକ୍ଷାର ଉନ୍ନତି, ଶିଶୁ ଶ୍ରମ ଉଚ୍ଛେଦ ଓ ନାରୀମାନଙ୍କ ମାନର ଉନ୍ନତି କ୍ଷେତ୍ରରେ ରାଷ୍ଟ୍ରୀୟ ନିର୍ଦ୍ଦେଶମୂଳକ ନୀତିର ଭୂମିକା ଜାଣିପାରିବ ।
- ଭାରତକୁ ଜନମଙ୍ଗଳ ରାଷ୍ଟ୍ରରେ ପରିଣତ କରିବା ପାଇଁ ରାଷ୍ଟ୍ରୀୟ ନିର୍ଦ୍ଦେଶମୂଳକ ନୀତିରେ ବର୍ଣ୍ଣନା ହୋଇଛି ।
- ରାଷ୍ଟ୍ରୀୟ ନିର୍ଦ୍ଦେଶମୂଳକ ନୀତି ଅର୍ଥନୈତିକ ଓ ସାମାଜିକ ଗଣତନ୍ତ୍ର ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛି ବୋଲି ଜାଣି ପାରିବ ।
- ଏହି ନୀତି ସବୁକୁ କାର୍ଯ୍ୟକାରୀ କରିବା ପାଇଁ ସରକାରର ବିଭିନ୍ନ ସ୍ତରର ଭୂମିକା ବିଶ୍ଳେଷଣ କରିପାରିବ ।
- ମୌଳିକ ଅଧିକାର ଓ ରାଷ୍ଟ୍ରୀୟ ନିର୍ଦ୍ଦେଶମୂଳକ ନୀତି ମଧ୍ୟରେ ପାର୍ଥକ୍ୟ ଜାଣିପାରିବ ।
- ମୌଳିକ କର୍ତ୍ତବ୍ୟ ବିଷୟ ଜାଣିପାରିବ ।





- ସମ୍ବିଧାନର ପ୍ରଦତ୍ତ ମୌଳିକ କର୍ତ୍ତବ୍ୟ ଗୁଡ଼ିକୁ ଚିହ୍ନଟ କରିପାରିବ ।
- ନ୍ୟାୟପାଳିକା ମୌଳିକ କର୍ତ୍ତବ୍ୟକୁ ସୁରକ୍ଷିତ କରୁନଥିଲେ ସୁଦ୍ଧା ଏହା ଯେ ଗୁରୁତ୍ୱପୂର୍ଣ୍ଣ, ସେ ବିଷୟରେ ଅବଗତ ହେବ ।

## ୭.୧ ରାଷ୍ଟ୍ରୀୟ ନିର୍ଦ୍ଦେଶମୂଳକ ନୀତିର ଅର୍ଥ

ରାଷ୍ଟ୍ରୀୟ ନିର୍ଦ୍ଦେଶମୂଳକ ନୀତି ବା ରାଷ୍ଟ୍ରୀୟ ନିର୍ଦ୍ଦେଶନାମା କେନ୍ଦ୍ର ଓ ରାଜ୍ୟ ସରକାର ପାଇଁ ଏକ ବାସ୍ତବ କ୍ଷେତ୍ରରେ ପ୍ରୟୋଗ କରିବା ପାଇଁ ନୀତି ଓ ନିୟମର ସମୂହ । ଏହି ନୀତି ଗୁଡ଼ିକ ଯଦିଓ ସାବ୍ୟସ୍ତଶୀଳ ନୁହେଁ, ରାଷ୍ଟ୍ର ପରିଚାଳନାରେ ଏହାର ଅନେକ ଗୁରୁତ୍ୱ ଅଛି । ରାଷ୍ଟ୍ରୀୟ ନିର୍ଦ୍ଦେଶନାମାର ଧାରଣା ଆଇରିଶ୍ ସାଧାରଣତନ୍ତ୍ରରୁ ଆସିଅଛି । ସେମାନେ ଏହାକୁ ସମ୍ବିଧାନରେ ଅନ୍ତର୍ଭୁକ୍ତ କରିଥିଲେ ଅର୍ଥନୈତିକ ନ୍ୟାୟ ଓ ଅଳ୍ପ ସଂଖ୍ୟକଙ୍କ ହାତର ଧନ ଠୁଳର ବାରଣ କରିବା ଉଦ୍ଦେଶ୍ୟରେ । ତେଣୁ କୌଣସି ସରକାର ଏହାକୁ ଅଣଦେଖା କରିପାରିବେ ନାହିଁ ।

## ୭.୨ ରାଷ୍ଟ୍ରୀୟ ନିର୍ଦ୍ଦେଶମୂଳକ ନୀତିର ପ୍ରକାର ଭେଦ

ରାଷ୍ଟ୍ରୀୟ ନିର୍ଦ୍ଦେଶମୂଳକ ନୀତିକୁ ଚାରି ଭାଗରେ ବିଭକ୍ତ କରାଯାଇଛି । ସେଗୁଡିକ ହେଲା– (୧) ଅର୍ଥନୈତିକ ଓ ସାମାଜିକ ନୀତି (୨) ଗାନ୍ଧୀବାଦ ନୀତି (୩) ଆନ୍ତର୍ଜାତିକ ଶାନ୍ତି ସୁରକ୍ଷାର ନୀତି (୪) ବିବିଧ ।

### ୭.୨.୧ ଅର୍ଥନୈତିକ ଓ ସାମାଜିକ ନୀତି

ରାଷ୍ଟ୍ର ଲୋକମାନଙ୍କର ସାମାଜିକ ଓ ଅର୍ଥନୈତିକ ମଙ୍ଗଳ ହାସଲ କରିପାରିବ, ଏହି ସବୁ ନୀତି ଦ୍ୱାରା –

୧। ସ୍ତ୍ରୀ ପୁରୁଷମାନଙ୍କ ଜୀବିକା ଅର୍ଜନ ପାଇଁ ଉପଯୁକ୍ତ ପନ୍ଥା ଯୋଗାଇବା ।

୨। ଅର୍ଥନୈତିକ ବ୍ୟବସ୍ଥାର ପରିଚାଳନା ଯେପରି ଅଳ୍ପ କେତେକଙ୍କ ହାତରେ କେନ୍ଦ୍ରୀଭୂତ ହୋଇ ନ ରହେ ସେଥି ପାଇଁ ବ୍ୟବସ୍ଥା କରିବା ।

୩। ସମାନ କାମ ପାଇଁ ଉଭୟ ସ୍ତ୍ରୀ ଓ ପୁରୁଷମାନଙ୍କ ପାଇଁ ସମାନ ମଜୁରୀ ବ୍ୟବସ୍ଥା କରିବା ।

୪। ପୁରୁଷ, ସ୍ତ୍ରୀ ଓ ପିଲାମାନଙ୍କ ପାଇଁ ଉପଯୁକ୍ତ କର୍ମ ସଂସ୍ଥାନ ଓ ସୁସ୍ଥ କାର୍ଯ୍ୟ ପରିବେଶ ବ୍ୟବସ୍ଥା କରିବା ।

୫। ଶିଶୁମାନଙ୍କୁ ଶୋଷଣ ଓ ନୈତିକତା ଅଧୋପତନରୁ ମୁକ୍ତ କରିବା ।

୬। ନିଜର ଅର୍ଥନୈତିକ ବିକାଶ ଓ କ୍ଷମତା ମଧ୍ୟରେ ରାଷ୍ଟ୍ର କାମ କରିବା, ଶିକ୍ଷାଲାଭ କରିବା ଓ ବେକାରୀ, ବାର୍ଦ୍ଧକ୍ୟ, ଜରା ଓ ଅକ୍ଷମତା ଏବଂ ଅନ୍ୟାନ୍ୟ ଅଯୋଗ୍ୟ ଚାହିଦା କ୍ଷେତ୍ରରେ ସରକାରୀ ସହାୟତା ଅଧିକାର ସୁରକ୍ଷିତ କରିବା ନିମନ୍ତେ ଫଳପ୍ରଦ ବ୍ୟବସ୍ଥା କରିବା ।

୭। କାର୍ଯ୍ୟ କ୍ଷେତ୍ରରେ ଯଥାର୍ଥ ଓ ସହୃଦୟ ଅବସ୍ଥା ସୃଷ୍ଟି ଏବଂ ପ୍ରସୂତି ସାହାଯ୍ୟ ନିମନ୍ତେ ରାଷ୍ଟ୍ର ସୁରକ୍ଷିତ ବ୍ୟବସ୍ଥା କରିବ ।

୮। ଶିଳ୍ପ ପରିଚାଳନାରେ ଶ୍ରମିକମାନଙ୍କର ଅଂଶ ଗ୍ରହଣ କରିବା ।

୯। ଅନୁସୂଚୀତ ଜାତି ଓ ଜନଜାତିଙ୍କର ଶିକ୍ଷା ଓ ଶ୍ରମିକ ଶ୍ରେଣୀର ଅର୍ଥ ବ୍ୟବସ୍ଥାର ଉନ୍ନତି କରିବା ।

୧୦। ଶ୍ରମିକମାନଙ୍କର ଅବସର ବିନୋଦନ ଏବଂ ସାମାଜିକ ତଥା ସାଂସ୍କୃତିକ ସୁଯୋଗ ଉପଭୋଗ ପାଇଁ ଅନୁକୂଳ ବ୍ୟବସ୍ଥା କରିବା ।

୧୧। ଜନ ସାଧାରଣଙ୍କ ପୁଷ୍ଟିସାଧନ ଓ ଜୀବନ ଧାରଣର ମାନ ବୃଦ୍ଧି ତଥା ଜନସ୍ୱାସ୍ଥ୍ୟର ଉନ୍ନତି କରିବା ।

୧୨। ୬ ବର୍ଷ ପୂରଣ ହେବା ପରେ ସମସ୍ତଙ୍କୁ ଶିକ୍ଷା ପ୍ରଦାନର ବ୍ୟବସ୍ଥା କରିବା ।

## ୭. ୨. ୨ ଗାନ୍ଧୀବାଦୀ ନୀତି

ମହାତ୍ମା ଗାନ୍ଧୀଙ୍କ ଅନୁସୃତ ନୀତି ନିମ୍ନରେ ଆଲୋଚନା କରାଗଲା —

୧। ଗ୍ରାମ ପଞ୍ଚାୟତ ଗଠନ କରିବା ।

୨। ଗ୍ରାମାଞ୍ଚଳରେ କୁଟୀରଶିଳ୍ପର ଉନ୍ନତି କରିବା ।

୩। ମାଦକ ଦ୍ରବ୍ୟର ବ୍ୟବହାର ବାରଣ କରିବା ଯାହା ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ।

୪। ଅଭିଜାତିର ପରିରକ୍ଷଣ ଓ ଉନ୍ନତି ଏବଂ ଗାଈ ଗୋରୁ, ବାଛୁରୀ ଏବଂ ଅନ୍ୟାନ୍ୟ ଦୁଧିଆଳୀ ଓ ଭାରବାହୀ ପଶୁମାନଙ୍କୁ ହତ୍ୟା ନିଷେଧ କରିବା ।

## ୭.୨.୩ ଆନ୍ତର୍ଜାତୀୟ ଶାନ୍ତି ଓ ସୁରକ୍ଷା ସମ୍ବନ୍ଧୀୟ ରାଷ୍ଟ୍ରୀୟ ନିର୍ଦ୍ଦେଶମୂଳକ ନୀତି

ଭାରତ ବିଶ୍ୱ ଶାନ୍ତି ଓ ସୁରକ୍ଷା ପାଇଁ ସହଯୋଗ କରିବା ଓ ରାଷ୍ଟ୍ର ଏହି ସବୁ ନୀତି ନିର୍ଦ୍ଧାରଣ କରିବ -

୧। ବିଶ୍ୱାଶନ୍ତି ଓ ନିରାପତ୍ତା ରକ୍ଷା ।

୨। ଦେଶ ଦେଶ ମଧ୍ୟରେ ନ୍ୟାୟ ଓ ସମ୍ମାନ ଜନକ ସମ୍ପର୍କ ପ୍ରତିଷ୍ଠା ।

୩। ଆନ୍ତର୍ଜାତିକ ଆଇନ୍ ଚୁକ୍ତି ଓ ସନ୍ଧି ପ୍ରତି ସମ୍ମାନ ପ୍ରଦର୍ଶନ ।

୪। ମଧ୍ୟସ୍ଥତା ଜରୀଆରେ ଆର୍ନ୍ତଜାତିକ ବିବାଦର ସମାଧାନ କରିବା ।

## ୭.୨.୪ ବିବିଧ ନୀତି

୧। ସମଗ୍ର ରାଷ୍ଟ୍ର ପାଇଁ ଏକ ପ୍ରକାର ଦେୱାନୀ ବିଧି ପ୍ରଚଳନ ।

୨। ଐତିହାସିକ କୀର୍ତ୍ତୀ, କଳା, ସ୍ଥାପତ୍ୟର ସୁରକ୍ଷା ।

୩। ପରିବେଶ ଓ ବନ୍ୟଜନ୍ତୁ ସୁରକ୍ଷା ।

୪। ଉପଯୁକ୍ତ ବ୍ୟବସ୍ଥାପିକା ମାଧ୍ୟମରେ ମୁକ୍ତ ନ୍ୟାୟ ପ୍ରଦାନର ବ୍ୟବସ୍ଥା କରିବା ।


### ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୭.୧

୧। ଚିହ୍ନଟ କର ଓ ଉପଯୁକ୍ତ ସ୍ଥାନ ଅନୁସାରେ ରାଷ୍ଟ୍ରୀୟ ନିର୍ଦ୍ଦେଶମୂଳକ ନୀତିର ବିଭିନ୍ନ ପ୍ରକାର ଯଥା - ଗାନ୍ଧୀବାଦୀ, ଅର୍ଥନୈତିକ ଓ ସାମାଜିକ, ଆନ୍ତର୍ଜାତିକ ଶାନ୍ତି ଓ ବିବିଧ ନୀତି ମଧ୍ୟରେ ରଖ ।

(କ) କୁଟୀର ଶିଳ୍ପ

(ଖ) ସ୍ତ୍ରୀ ଓ ପୁରୁଷମାନଙ୍କ ଜୀବିକା ଅର୍ଜନ ପାଇଁ ଉପଯୁକ୍ତ ପନ୍ଥା ଯୋଗାଇବା ।

(ଗ) ଶ୍ରମିକମାନଙ୍କ ଜୀବନର ମାନର ବ୍ୟବସ୍ଥା କରିବା ।



Notes

(ଘ) ୬ ବର୍ଷ ପୂରଣ ହେବା ପରେ ସମସ୍ତଙ୍କର ଶିକ୍ଷାର ବ୍ୟବସ୍ଥା କରିବା ।

(ଙ) ଐତିହାସିକ କଳା, ସ୍ଥାପତ୍ୟ, ଓ ଐତିହ୍ୟର ସୁରକ୍ଷା ।

(ଚ) ପରିବେଶ ଓ ବନ୍ୟଜନ୍ତୁର ସୁରକ୍ଷା କରିବା ।

## ୭.୩ ନିର୍ଦ୍ଦେଶନାମା ନୀତି– ଶିକ୍ଷା, ସାର୍ବଜନୀନ ଶିଶୁ ଶ୍ରମିକ ଓ ନାରୀମାନଙ୍କ ମର୍ଯ୍ୟାଦା

ଜନମଙ୍ଗଳ ରାଷ୍ଟ୍ର ଓ ସାମାଜିକ, ଅର୍ଥନୈତିକ ନ୍ୟାୟର ମୂଲ୍ୟ ପୂରଣ କ୍ଷେତ୍ରରେ ନିରକ୍ଷରତା ଏକ ବଡ ପ୍ରତିବନ୍ଧକ ।

### ୭.୩.୧ ସାର୍ବଜନୀନ ଶିକ୍ଷା

ସ୍ୱାଧୀନତା ସମୟରେ ଶିକ୍ଷିତ ସଂଖ୍ୟା ୧୪ ଭାଗ ଥିଲା । ଆମ ସରକାର ଶିକ୍ଷାର ଗୁରୁତ୍ୱ ଅନୁଭବ କଲେ ଓ ଶିକ୍ଷାର ମାନ ବୃଦ୍ଧି ସମସ୍ତ ମଧ୍ୟରେ ହେବାପାଇଁ ପଦକ୍ଷେପ ନେଲେ । ଶିକ୍ଷାର ମାନ ବୃଦ୍ଧି ପାଇଁ ସରକାର ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କଲେ, କିନ୍ତୁ ବର୍ତ୍ତମାନ ସୁଦ୍ଧା ଆମ ଜନସଂଖ୍ୟା ବୃହତ୍ ବଡ ଭାଗ ଅଶିକ୍ଷିତ । ପ୍ରାଥମିକ ଶିକ୍ଷାର ପ୍ରସାର ଏବଂ ଏହାର ସାର୍ବଜନୀନତା ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରିବା ଆବଶ୍ୟକ । ପ୍ରାଥମିକ ସ୍ତରରେ ଅଧିକାଂଶ ଶିକ୍ଷା ଛାଡିଦେବାରୁ ୧୫ରୁ ୩୫ ବର୍ଷ ମଧ୍ୟରେ ଅଶିକ୍ଷିତଙ୍କ ସଂଖ୍ୟା ବୃଦ୍ଧି ପାଇଛି ।

ଜାତୀୟ ଶିକ୍ଷା ଆଇନ୍ ୧୯୮୬ ମତରେ ପ୍ରାଥମିକ ସ୍ତରରେ ସମସ୍ତଙ୍କୁ ଶିକ୍ଷା ପ୍ରଦାନ ପ୍ରସାର ପାଇଁ ଜାତୀୟ ଶିକ୍ଷା ମିସନ୍ ଓ କଳାପଟା ଅଭିଯାନ ପରି ବ୍ୟବସ୍ଥା ସରକାର ବ୍ୟବସ୍ଥା କରିଅଛନ୍ତି ଯେଉଁମାନେ ଶିଶୁ ଅବସ୍ଥାରେ ଶିକ୍ଷାରୁ ବଞ୍ଚିତ ହୋଇଛନ୍ତି ସେମାନଙ୍କ ପାଇଁ ସରକାର ଓ ସ୍ୱେଚ୍ଛାସେବୀ ସଂଗଠନମାନେ ରାତ୍ରି ସ୍କୁଲ୍ ଓ ସାବାଳକ ଶିକ୍ଷା କେନ୍ଦ୍ର ଖୋଲି ଶିକ୍ଷାଦାନର ବ୍ୟବସ୍ଥା କରିଅଛନ୍ତି ।

ପତ୍ର ବିନିମୟ ଶିକ୍ଷା, ଦୂରଭାଷା ଶିକ୍ଷା ଓ ମୁକ୍ତ ଶିକ୍ଷା ମାଧ୍ୟମରେ ଶିକ୍ଷା ପ୍ରଦାନର ବ୍ୟବସ୍ଥା ବିଭିନ୍ନ ରାଷ୍ଟ୍ର ରାଜ୍ୟମାନଙ୍କ ମଧ୍ୟରେ ଆରମ୍ଭ ହୋଇଗଲାଣି । ଜାତୀୟ ମୁକ୍ତ ବିଦ୍ୟାଳୟ ଓ ଅନ୍ୟାନ୍ୟ ମୁକ୍ତ ବିଶ୍ୱ ବିଦ୍ୟାଳୟ ସ୍ଥାପନ କରାଯାଇ ସାର୍ବଜନୀନ ଶିକ୍ଷାର ଲକ୍ଷ୍ୟ ପୂରଣ କରାଯାଇଛି । ରାଷ୍ଟ୍ରୀୟ ନିର୍ଦ୍ଦେଶନାମା ନୀତି ମଧ୍ୟରେ ୧୪ ବର୍ଷ ପିଲାମାନଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ବ୍ୟବସ୍ଥା କରାଯାଇଛି । ୮୬ ତମ ସମ୍ବିଧାନ ସଂଶୋଧନ ୨୦୦୨ ମାଧ୍ୟମରେ ମୌଳିକ ଅଧିକାର ଧାରା ୨୧ (କ) ରେ ଏହାକୁ ଅନ୍ତର୍ଭୁକ୍ତ କରାଯାଇଛି । **ଅନେକ କିଛି ହାସଲ ହୋଇଛି କିନ୍ତୁ ଜନମଙ୍ଗଳ ରାଷ୍ଟ୍ରର ଆଭିମୁଖ୍ୟ ପୂରଣ ପାଇଁ ଆହୁରି ଅନେକ କିଛି କରିବା ପାଇଁ ପଡିବ ।**

### ୭.୩.୨ ଶିଶୁ ଶ୍ରମିକ

ତୁମେ ପଢ଼ିଛ ରାଷ୍ଟ୍ର ନିର୍ଦ୍ଦେଶନାମା ନୀତିର ଗୋଟିଏ ନୀତିରେ ଶିଶୁମାନଙ୍କର ସୁସ୍ଥ ଭାବରେ ଉନ୍ନତି ପାଇଁ ସୁବିଧା ସୁଯୋଗ ପ୍ରଦାନ କରାଇଛି । ତୁମେ ମଧ୍ୟ ପଢ଼ିଛ ଶିଶୁମାନଙ୍କର ଶୋଷଣ ବିରୁଦ୍ଧରେ ମୌଳିକ ଅଧିକାର । ୧୪ ବର୍ଷର କମ୍ ବାଳକ ଓ ବାଳିକାମାନଙ୍କୁ ଶିଳ୍ପ ଖଣି ଓ ବିପଦ ଜନକ କାର୍ଯ୍ୟରେ ନିଯୁକ୍ତିକୁ ବିରୋଧ କରିଛି ।

ଏହି ସବୁ ବ୍ୟବସ୍ଥା ସତ୍ତ୍ୱେ ସନ୍ତୋଷ ଜନକ ଫଳାଫଳ ଆଜି ପର୍ଯ୍ୟନ୍ତ ମିଳି ପାରିନାହିଁ । ଅନେକ କ୍ଷେତ୍ରରେ ପିତାମାତାମାନେ ଶିଶୁ ଶ୍ରମିକ ବ୍ୟବସ୍ଥାକୁ ଉଚ୍ଛେଦ କରିବା ସପକ୍ଷରେ ସହଯୋଗ କରୁନାହାନ୍ତି । ସେମାନେ ସେମାନଙ୍କର ପିଲାମାନଙ୍କୁ ସେପରି କାର୍ଯ୍ୟ କରିବା ପାଇଁ ବାଧ୍ୟ କରୁଛନ୍ତି ଓ ପରିବାରର ରୋଜଗାରରେ

ସେମାନଙ୍କର ଅବଦାନ ରହୁଛି । ଦାରିଦ୍ର ଓ ସାମାଜିକ ପ୍ରଥା ଏହି ଅସୁବିଧାକୁ ଦୂର କରିବାର ପ୍ରତିବନ୍ଧକ ସୃଷ୍ଟି କରୁଛି ସରକାରଙ୍କର ସମସ୍ତ ପ୍ରୟାସ ଅସଫଳ ହେବ ଯେଉଁ ପର୍ଯ୍ୟନ୍ତ ସେମାନଙ୍କ ମଧ୍ୟରୁ ଇଚ୍ଛାଶକ୍ତି ଓ ସାମାଜିକ ପ୍ରତିରୋଧ ସୃଷ୍ଟି ନ ହୋଇଛି । ତବୁର ଅବଦୁଲ୍ କଲାମ୍‌ଙ୍କ "୨୦୨୦ ଭାରତର ସ୍ୱପ୍ନ" ସାର୍ଥକ ହେବ ଯେତେବେଳେ ଶିଶୁ ଯେଉଁମାନେ ଭାରତର ଭବିଷ୍ୟତ ସଂପୂର୍ଣ୍ଣ ରୂପେ ଶୋଷଣରୁ ମୁକ୍ତ ଓ ସୁରକ୍ଷିତ ହୋଇପାରିବେ । ଶିଶୁମାନେ ସେମାନଙ୍କର ଶିକ୍ଷାର ଅଧିକାର ଓ ଶୈଶବର ଅଧିକାରରୁ ବଞ୍ଚିତ ହେବା ଉଚିତ୍ ନୁହେଁ ।

## ୭.୩.୩ ନାରୀମାନଙ୍କ ମର୍ଯ୍ୟାଦା

ଭାରତୀୟ ସମାଜ ସାଧାରଣତଃ ପୁରୁଷ ପରିଚାଳିତ ସମାଜ ଯେଉଁଠାରେ ପିତା ପରିବାର ମୁଖ୍ୟ ଅଟନ୍ତି ଓ ମାତା ତାଙ୍କର ସହଯୋଗୀ ଭାବରେ ରହିଥା'ନ୍ତି । ନାରୀମାନଙ୍କର ଏପରି ବ୍ୟବସ୍ଥାରେ ସ୍ଥାନ ବହୁତ ଦୁର୍ବଳ । ନାରୀମାନେ ସାମାଜିକ କୁପ୍ରଥା ଓ ଧର୍ମୀୟ ଭାବନା ଯଥା ପରଦା ଓ ଯୌତୁକ ପ୍ରଥା ଦ୍ୱାରା ଅଧିକ ମାତ୍ରାରେ ଶୋଷିତ ହେଉଛନ୍ତି । ୨୦୦୧ ଜନଗଣନା ଅନୁସାରେ ଦେଶର ୪୮୩% ସମୁଦାୟ ଜନସଂଖ୍ୟାର ଓ ୪୯୫. ୭୪ ମିଲୟନ ଯାହା କି ମହିଳାମାନେ ଦେଶର ଏକ ଆବଶ୍ୟକୀୟ ଅଂଶ ଅଟନ୍ତି । ରାଷ୍ଟ୍ରୀୟ ନିର୍ଦ୍ଦେଶ ନୀତି ଓ ମୌଳିକ ଅଧିକାର ମାଧ୍ୟମରେ ଆମ ସମ୍ବିଧାନ ନାରୀମାନଙ୍କର ଶିକ୍ଷା ଓ ମର୍ଯ୍ୟାଦାର ଅଗ୍ରଗତି ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଛନ୍ତି । ସେମାନଙ୍କ ଜୀବନ ଧାରଣ କରିବାର ଅଧିକାର ଓ ସମାନ ମଜୁରୀ ପୁରୁଷମାନଙ୍କ ସହିତ ବ୍ୟବସ୍ଥା କରାଯାଇଛି । ନାରୀମାନଙ୍କର ସ୍ୱାସ୍ଥ୍ୟର ସୁରକ୍ଷା ଓ ପ୍ରସବକାଳୀନ ଛୁଟିର ମଧ୍ୟ ବ୍ୟବସ୍ଥା କରାଯାଇଛି ।

ମୌଳିକ କର୍ତ୍ତବ୍ୟରେ ନାରୀମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ ଓ ସେମାନଙ୍କ ମର୍ଯ୍ୟାଦା ପ୍ରତି ସଚେତନ ରହିବା ପ୍ରତ୍ୟେକ ଭାରତର ନାଗରିକମାନଙ୍କର କର୍ତ୍ତବ୍ୟ ଅଟେ ।

ଅନେକ ଆଇନ୍ ଓ ନ୍ୟାୟପାଳିକା ନିର୍ଦ୍ଦେଶ ନାରୀମାନଙ୍କର ମର୍ଯାଦା ରକ୍ଷା କରିବା ପାଇଁ ତିଆରି ହୋଇଛି । ସେମାନଙ୍କ ଅଧିକାର ସୁରକ୍ଷା, ପରିବାର ସଂପତ୍ତି ଉପରେ ସେମାନଙ୍କ ଭାଗର ବ୍ୟବସ୍ଥା ପାଇଁ କେତେଗୁଡିଏ କାର୍ଯ୍ୟକ୍ରମ କରାଯାଇଛି । ସତୀ ପ୍ରଥା, ଯୌତୁକ ପାଇଁ ବଧୂ ହତ୍ୟା, ସ୍ତ୍ରୀ ନିର୍ଯ୍ୟାତନା ପ୍ରଭୃତି ପାଇଁ ବିଭିନ୍ନ ପ୍ରକାର ଆଇନ୍ ତିଆରି କରାଯାଇଛି । ଭ୍ରୁଣ ନିରୂପଣ, ଶିଶୁ କନ୍ୟା ହତ୍ୟା, ଶିଶୁ କନ୍ୟାର ପ୍ରଭେଦ ଓ ବାଲ୍ୟ ବିବାହ ପ୍ରଥା ସଂପୂର୍ଣ୍ଣ ଭାବେ ବାରଣ କରାଯାଇଛି ଯାହା ନାରୀର ମର୍ଯ୍ୟାଦା ରକ୍ଷା କରିବା କ୍ଷେତ୍ରରେ ସହାୟକ ହେବ ।

ନାରୀ ସଶକ୍ତୀକରଣ ଉଦ୍ଦେଶ୍ୟରେ ୭୩ତମ ଓ ୭୪ତମ ସମ୍ବିଧାନ ୧୯୯୧, ୧୯୯୨ରେ ପଞ୍ଚାୟତ ଓ ପୌରପାଳିକାରେ ମହିଳାମାନଙ୍କ ପାଇଁ ଏକ ତୃତୀୟାଂଶ ସ୍ଥାନ ସଂରକ୍ଷଣ କରାଯାଇଛି । ବିଧାନ ସଭା ଓ ସଂସଦରେ ସେହି ହାରରେ ସଂରକ୍ଷଣର ବ୍ୟବସ୍ଥା କରାଯିବାର ବ୍ୟବସ୍ଥା ମଧ୍ୟ ରହିଛି ।


### ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୭.୨

ସଠିକ୍ ବିକଳ୍ପ ବାଛ

(କ) ସ୍ୱାଧୀନତା ସମୟରେ କେତେ ଭାଗ ଶିକ୍ଷିତ ଲୋକ ଥିଲେ ?

(i) ୧୭%

(ii) ୧୪%





(iii) ୧୬%

(iv) ୧୮%

(ଖ) କେବେ ଜାତୀୟ ଶିକ୍ଷା ଆଇନ୍ ଆରମ୍ଭ ହେଲା ?

(i) ୧୯୮୪

(ii) ୧୯୮୬

(iii) ୧୯୮୮

(iv) ୧୯୮୯

(ଗ) ସମ୍ବିଧାନର କେଉଁ ଭାଗରେ ଶିଶୁ ଶୋଷଣ ବିରୁଦ୍ଧରେ ବ୍ୟବସ୍ଥା ରହିଛି ?

(i) ମୌଳିକ ଅଧିକାର

(ii) ମୌଳିକ କର୍ତ୍ତବ୍ୟ

(iii) ରାଷ୍ଟ୍ରୀୟ ନିର୍ଦ୍ଦେଶନାମା ନୀତି

(ଘ) ସ୍ତ୍ରୀ ଓ ପୁରୁଷମାନଙ୍କ ପାଇଁ ସମାନ କାମ ପାଇଁ ସମାନ ମଜୁରୀ ବ୍ୟବସ୍ଥା କେଉଁଥିରେ କରାଯାଇଛି ।

(i) ମୌଳିକ ଅଧିକାର

(ii) ମୌଳିକ କର୍ତ୍ତବ୍ୟ

(iii) ରାଷ୍ଟ୍ରୀୟ ନିର୍ଦ୍ଦେଶନାମା ନୀତି

(ଙ) ନାରୀ ଓ ଶିଶୁ କଲ୍ୟାଣ ବିଭାଗ କେବେ ସୃଷ୍ଟି ହୋଇଥିଲା ?

(i) ୧୯୭୮

(ii) ୧୯୮୫

(iii) ୧୯୯୨

(iv) ୧୯୯୫

## ୭.୪ ରାଷ୍ଟ୍ରୀୟ ନିର୍ଦ୍ଦେଶନାମା ନୀତିର ମୂଲ୍ୟାଙ୍କନ

କେତେକ ସମାଲୋଚକମାନଙ୍କ ମତରେ ରାଷ୍ଟ୍ରୀୟ ନିର୍ଦ୍ଦେଶନାମା ନୀତି ନବ ବର୍ଷର ଶୁଭେଚ୍ଛା ଠାରୁ ଉନ୍ନତ ନୁହେଁ । ଏହା ମଧ୍ୟରେ ଥିବା ଗୁରୁତ୍ୱପୂର୍ଣ୍ଣ ପ୍ରତିଜ୍ଞା ଗୁଡିକ ମଧ୍ୟ ପ୍ରଶ୍ନବାଚୀ ଅଟେ । ଏହା ମଧ୍ୟ ଏକ ଧାରଣା ଯେ ରାଷ୍ଟ୍ରୀୟ ନିର୍ଦ୍ଦେଶନାମା ନୀତି ଏକ ହୋଲିର ଶୁଭେଚ୍ଛା ପରି ଯାହା ପଛରେ ନ୍ୟାୟିକ ସମର୍ଥନ ନାହିଁ । ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସରକାର ବାଧ୍ୟ ନୁହଁନ୍ତି । ସମାଲୋଚକଙ୍କ ମତରେ ସେମାନଙ୍କ ମୁଣ୍ଡରେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ବୁଦ୍ଧି ବୁଝୁନାହିଁ ।

ଏସବୁ ସତ୍ତ୍ୱେ ଆମେ କହିବା ନାହିଁ ଏହା ସଂପୂର୍ଣ୍ଣ ରୂପେ ଅଦରକାରୀ । ତାର ନିଜର ଆବଶ୍ୟକତା ଓ ଗୁରୁତ୍ୱ ରହିଛି । ରାଷ୍ଟ୍ରୀୟ ନିର୍ଦ୍ଦେଶନାମା ନୀତି ଗୋଟିଏ ଧ୍ରୁବ ତାରା ସଦୃଶ ଯାହା ଦିଗ ନିର୍ଣ୍ଣୟ କରେ ।

ଏହାର ମୂଖ୍ୟ ଲକ୍ଷ୍ୟ ହେଲା ସରକାରକୁ ପ୍ରସ୍ତାବ ମାଧ୍ୟମରେ ଲୋକମାନଙ୍କ ସାମାଜିକ ଓ ଅର୍ଥନୈତିକ ନ୍ୟାୟର ଉନ୍ନତି କରିବା । ଏହା ମଧ୍ୟରୁ ଅନେକ ନୀତି ସଫଳତାର ସହିତ କାର୍ଯ୍ୟକାରୀ ହୋଇଛି । ପ୍ରକୃତରେ କୌଣସି ସରକାର ଏହାକୁ ଅଗ୍ରାହ୍ୟ କରିବେ ନାହିଁ କାରଣ ଏହି ପରାମର୍ଶ ଗୁଡ଼ିକ ଜନମତର ଦର୍ପଣ ଅଟେ ଓ ଆମ ସମ୍ବିଧାନର ମୌଳିକ ଆଦର୍ଶର ପ୍ରତିଫଳନ ଅଟେ । ଏହା ମଧ୍ୟରୁ କେତେକ ନୀତିକୁ କାର୍ଯ୍ୟକାରୀ କରାଯାଇଛି ନିମ୍ନରେ ପ୍ରଦାନ କରାଗଲା ।

୧। ଜମି, ବାଡ଼ି ସଂସ୍କାର ଆଇନ୍ ପ୍ରଚଳନ ହୋଇଛି ଓ ଜାଗିରିଦାରୀ ଓ ଜମିଦାରୀ ପ୍ରଥା ଉଚ୍ଛେଦ କରାଯାଇଛି ।

୨। ଶିଳ୍ପାୟନର ଦୃତ ଅଗ୍ରଗତି ହୋଇଛି ଓ ସବୁଜ ବିପ୍ଳବ ମାଧ୍ୟମରେ କୃଷିଜାତ ଦ୍ରବ୍ୟର ବୃଦ୍ଧି ଘଟିଛି ।

୩। ନାରୀମାନଙ୍କ ମଙ୍ଗଳ ପାଇଁ ଜାତୀୟ କମିଶନ ପ୍ରତିଷ୍ଠା ହୋଇଛି ।

୪। ଜମି ଓ ସଂପତ୍ତି ଉପରେ ଲୋକମାନଙ୍କର ଗଚ୍ଛିତ ବ୍ୟବସ୍ଥାକୁ ସଂକୁଚିତ କରାଯାଇ ସିଲିଙ୍ଗ କରାଯାଇଛି ।

୫। ରାଜାମାନଙ୍କର ରାଜକୀୟ ଭତ୍ତାକୁ ଉଚ୍ଛେଦ କରାଯାଇଛି ।

୬। ଜୀବନ ବିମା, ସାଧାରଣ ବିମା ଓ ବ୍ୟାଙ୍କ୍ ଗୁଡ଼ିକୁ ଜାତୀୟ କରଣ କରାଯାଇଛି ।

୭। ଅର୍ଥନୈତିକ ପ୍ରଭେଦକୁ ଦୂର କରିବା ପାଇଁ ସଂପତ୍ତି ଗତ ଅଧିକାରକୁ ମୌଳିକ ଅଧିକାରରୁ ବାଦ୍ ଦିଆଯାଇଛି ।

୮। ଗରୀବମାନଙ୍କୁ ସାହାଯ୍ୟ କରିବା ପାଇଁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ମୂଲ୍ୟ ହ୍ରାସ କରାଯାଇଛି ।

୯। ସମାନ କାମ ପାଇଁ ସମାନ ମଜୁରୀ ଉଭୟେ ସ୍ତ୍ରୀ ଓ ପୁରୁଷମାନଙ୍କ ପାଇଁ ଆଇନ୍ ଅନୁସାରେ କରାଯାଇଛି ।

୧୦। ଅସ୍ପୃଶ୍ୟତାକୁ ଉଚ୍ଛେଦ କରାଯାଇଛି । ଅନୁସୂଚୀତ ଜାତି ଓ ଜନଜାତି ଓ ଅନ୍ୟାନ୍ୟ ପଛୁଆ ବର୍ଗ ଲୋକମାନଙ୍କର ଉନ୍ନତି ପାଇଁ ଉଦ୍ୟମ କରାଯାଇଛି ।

୧୧। ୭୩ ତମ ଓ ୭୪ତମ ସମ୍ବିଧାନ ସଂଶୋଧନ ୧୯୯୧, ୧୯୯୨ ଆଇନ୍ ବଳରେ ପଞ୍ଚାୟତରାଜ ବ୍ୟବସ୍ଥାକୁ ସାମ୍ବିଧାନିକ ମର୍ଯ୍ୟାଦା ଓ ଅଧିକ କ୍ଷମତା ମିଳିପାରିଛି ।

୧୨। ସ୍ୱଳ୍ପ ଓ ଗ୍ରାମୀଣ ଶିଳ୍ପ ଓ ଖଦୀ ଗ୍ରାମୋଦ୍ୟୋଗ ପ୍ରୋତ୍ସାହନରେ ଗ୍ରାମାଞ୍ଚଳର ଉନ୍ନତି ହୋଇପାରିଛି ।

୧୩। ଭାରତ ଜାତିସଂଘର ସହାୟତାରେ ଆନ୍ତର୍ଜାତୀୟ ଶାନ୍ତି ଓ ସୁରକ୍ଷାର ଉନ୍ନତି ଆଣିପାରିଛି ।


ଏହି ସବୁ ପଦକ୍ଷେପ ଦ୍ୱାରା କେନ୍ଦ୍ର ଓ ରାଜ୍ୟ ସରକାର ସୂଚିତ କରୁଛନ୍ତି ଯେ, କେତେକ ରାଷ୍ଟ୍ରୀୟ ନିର୍ଦ୍ଦେଶନାମା ନୀତିର ପ୍ରଚଳନ ଦ୍ୱାରା ଧର୍ମନିରପେକ୍ଷ, ସମାଜବାଦ ଓ ଜନମଙ୍ଗଳ ରାଷ୍ଟ୍ରର ମୂଳଦୁଆ ସ୍ଥାପନ କରାଯାଇ ପାରିଛି ।

ରାଷ୍ଟ୍ରୀୟ ନିର୍ଦ୍ଦେଶନାମା ନୀତିର କାର୍ଯ୍ୟକାରୀତାକୁ ନେଇ ଅନେକ ପ୍ରତିବନ୍ଧକ ସୃଷ୍ଟି ହୋଇଛି । ସେଗୁଡ଼ିକ ମଧ୍ୟରେ —

(କ) ରାଜ୍ୟମାନଙ୍କର ରାଜନୈତିକ ଇଚ୍ଛା ଶକ୍ତିର ଅଭାବ ।

(ଖ) ଲୋକମାନଙ୍କ ମଧ୍ୟରେ ଦୂରଦୃଷ୍ଟିର ଅଭାବ ।

(ଗ) ସୀମିତ ପୁଞ୍ଜି ।





### ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୭.୩

ଶୂନ୍ୟସ୍ଥାନ ପୂରଣ କର

(i) ________ ରାଷ୍ଟ୍ର ସମାଜରେ ଥିବା ପଛୁଆବର୍ଗ ଲୋକମାନଙ୍କ ସମସ୍ତ ଦାଇତ୍ୱ ନେଇଥା'ନ୍ତି । (ସମାଜବାଦ, ଚାରିଟେବୁଲ, ଜନମଙ୍ଗଳ)

(ii) ସରକାର ସଂପତ୍ତିର ________ ବଣ୍ଟନ ବ୍ୟବସ୍ଥା ପାଇଁ ଚେଷ୍ଟା କରନ୍ତି । (ସମାନ, ଅସମାନ, ନ୍ୟାୟ ସଂଗତ)

(iii) ସାରା ଭାରତରେ ________ ବ୍ୟବସ୍ଥାକୁ ଉଚ୍ଛେଦ କରାଯାଇଛି । (ପୁଞ୍ଜିବାଦ, ଜମିଦାରୀ, ଜାତି)

(iv) ଖଦି ଓ ଗ୍ରାମ ଶିଳ୍ପ ବୋର୍ଡ ________ ଶିଳ୍ପର ଉନ୍ନତି ପାଇଁ ପ୍ରତିଷ୍ଠା ହୋଇଛି । (ଛୋଟ, ମଧ୍ୟମ, କୁଟୀର)

(v) ପଞ୍ଚାୟତରାଜ ବ୍ୟବସ୍ଥା ________ ସମ୍ବିଧାନ ସଂଶୋଧନ ଆଇନ୍ ବଳରେ ସାମ୍ବିଧାନିକ ମାନ୍ୟତା ପାଇଲା । (୭୨ ତମ, ୭୩ତମ, ୭୧ତମ)

---

## ୭.୫ ମୌଳିକ ଅଧିକାର ଓ ରାଷ୍ଟ୍ର ନିର୍ଦ୍ଦେଶ ନୀତି ମଧ୍ୟରେ ପାର୍ଥକ୍ୟ

ବର୍ତ୍ତମାନ ତୁମେ ମୌଳିକ ଅଧିକାର ଓ ରାଷ୍ଟ୍ର ନିର୍ଦ୍ଦେଶ ନୀତି ବିଷୟରେ ଜାଣିଲ । ଭାରତରେ ରାଜନୈତିକ ଓ ସାମାଜିକ ଅର୍ଥନୈତିକ ସମାଜ ପ୍ରତିଷ୍ଠା କରିବା କ୍ଷେତ୍ରରେ ସେମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତୁମ ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଯେ ଏହା ମଧ୍ୟରେ ପାର୍ଥକ୍ୟ ବିଷୟରେ ଜାଣିବା । ମୌଳିକ ଅଧିକାର ରାଷ୍ଟ୍ରର ନାଗରିକମାନଙ୍କ ଦ୍ୱାରା ଦାବି କରାଯାଇଥାଏ । ସେଥି ମଧ୍ୟରୁ କେତେକ ଅଧିକାର ସରକାରକୁ ବାରଣ କରିଥାଏ । ସେଥିପାଇଁ ଏହା ନାସ୍ତିସୂଚକ । ରାଷ୍ଟ୍ର ନିର୍ଦ୍ଦେଶ ନୀତି ଗୋଟିଏ ଅସ୍ତିସୂଚକ ନିର୍ଦ୍ଦେଶ ଯାହା ସରକାର କାର୍ଯ୍ୟକାରୀ କରି ଭାରତକୁ ଗୋଟିଏ ସାମାଜିକ ଓ ଅର୍ଥନୈତିକ ଗଣତନ୍ତ୍ରରେ ପ୍ରତିଷ୍ଠା କରିଥାଏ ।

ମୌଳିକ ଅଧିକାର ନ୍ୟାୟାଳୟ ଦ୍ୱାରା ସାବ୍ୟସ୍ତଶୀଳ ଥିବାବେଳେ ରାଷ୍ଟ୍ର ନିର୍ଦ୍ଦେଶନାମା ନୀତି ସାବ୍ୟସ୍ତଶୀଳ ନୁହେଁ । ଅନ୍ୟ ଭାଷାରେ, ସର୍ବୋଚ୍ଚ ନ୍ୟାୟାଳୟ କିମ୍ବା ଉଚ୍ଚ ନ୍ୟାୟାଳୟ ମୌଳିକ ଅଧିକାର କ୍ଷୁର୍ଣ୍ଣ ହେଲେ ହୁକୁମ୍‌ନାମା ଜାରି କରିପାରିବେ କିନ୍ତୁ, ରାଷ୍ଟ୍ର ନିର୍ଦ୍ଦେଶନାମା ନୀତିର କୌଣସି ପ୍ରକାର ଆଇନ୍‌ତଃ ଅଧିକାର ନାହିଁ ସୁରକ୍ଷା ପ୍ରଦାନ କରିବାକୁ । ତେଣୁ ରାଷ୍ଟ୍ର ନିର୍ଦ୍ଦେଶନାମା ନୀତି ମୌଳିକ ଅଧିକାର ଠାରୁ ନ୍ୟୁନ ଅଟେ ।

### ୭.୫.୧ ମୌଳିକ ଅଧିକାର ଓ ରାଷ୍ଟ୍ର ନିର୍ଦ୍ଦେଶନାମା ମଧ୍ୟରେ ସଂପର୍କ

ପାର୍ଥକ୍ୟ ସତ୍ତ୍ୱେ ସେମାନଙ୍କ ମଧ୍ୟରେ ଏକ ସୁସଂପର୍କ ରହିଛି । ମୌଳିକ ଅଧିକାର ଓ ରାଷ୍ଟ୍ର ନିର୍ଦ୍ଦେଶନାମା ନୀତି ପରସ୍ପର ପରିପୁରକ । ମୌଳିକ ଅଧିକାର ରାଜନୈତିକ ଗଣତନ୍ତ୍ର ପ୍ରତିଷ୍ଠା କରିବା ସମୟରେ ରାଷ୍ଟ୍ର ନିର୍ଦ୍ଦେଶନାମା ନୀତି ସାମାଜିକ ଅର୍ଥନୈତିକ ଗଣତନ୍ତ୍ର ପ୍ରତିଷ୍ଠା କରେ । କୌଣସି ସରକାର ତାର ନୀତି ନିର୍ଦ୍ଧାରଣ କରି । ସମୟ ଏହାକୁ ଅଣଦେଖା କରିପାରିବ ନାହିଁ । ରାଷ୍ଟ୍ର ନିର୍ଦ୍ଦେଶନାମା ନୀତି କୌଣସି ଆଇନ୍‌ତଃ ସମର୍ଥନ ନାହିଁ ତଥାପି ଏହା ପଛରେ ଲୋକମାନଙ୍କର ସମର୍ଥନ ରହିଛି । ଯଦି ସରକାର ଏହି ନୀତିଗୁଡ଼ିକୁ କାର୍ଯ୍ୟକାରୀ ନ କରନ୍ତି ତେବେ ଲୋକମାନେ ସେମାନଙ୍କର ଜନମତ ଦ୍ୱାରା ସରକାର ପ୍ରତି ବିମୁଖ ହୁଅନ୍ତି । ତେଣୁ ଆମ ସମ୍ବିଧାନ ମୌଳିକ ଅଧିକାର ଓ ରାଷ୍ଟ୍ର ନିର୍ଦ୍ଦେଶନାମା ନୀତି ମଧ୍ୟରେ ଉତ୍ତମ ସଂପର୍କ ପ୍ରତିଷ୍ଠା ସ୍ଥାପନ କ୍ଷେତ୍ରରେ ଲକ୍ଷ୍ୟ ରଖିଛି । ସେ ଦୁଇ ସମ୍ବିଧାନର ମୂଖ୍ୟ ଅଟନ୍ତି ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୭.୪

**ଶୂନ୍ୟସ୍ଥାନ ପୂରଣ କର ।**

(କ) ରାଷ୍ଟ୍ର ନିର୍ଦ୍ଦେଶନାମା ନୀତି _______ ପ୍ରକୃତିର ଅଟେ । (ନାସ୍ତି ସୂଚକ, ଅସ୍ତି ସୂଚକ, ପ୍ରାକୃତିକ)

(ଖ) ମୌଳିକ ଅଧିକାର _______ ର ଉନ୍ନତି କରିବାର ଲକ୍ଷ୍ୟ ରଖିଛି ।(ପରିବାର, ଗୋଷ୍ଠୀ, ବ୍ୟକ୍ତି)

(ଗ) ରାଷ୍ଟ୍ର ନିର୍ଦ୍ଦେଶନାମା ନୀତି _______ ଗଣତନ୍ତ୍ର ପ୍ରତିଷ୍ଠା କରେ ।
(ରାଜନୈତିକ, ସାଂସ୍କୃତିକ, ସାମାଜିକ, ଅର୍ଥନୈତିକ)

(ଘ) ମୌଳିକ ଅଧିକାର ଓ ରାଷ୍ଟ୍ର ନିର୍ଦ୍ଦେଶନାମା ନୀତି ମଧ୍ୟରେ _______ ସଂପର୍କ ରହିଛି ।
(ଘନିଷ୍ଠ, ପରୋକ୍ଷ)

---

## ୭.୬ ମୌଳିକ କର୍ତ୍ତବ୍ୟ

ଅଧିକାର ଓ କର୍ତ୍ତବ୍ୟ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି । କର୍ତ୍ତବ୍ୟ ବିନା ଅଧିକାର ନଥାଏ, ଅଧିକାର ବିନା କର୍ତ୍ତବ୍ୟ ମଧ୍ୟ ନଥାଏ । ତେଣୁ କର୍ତ୍ତବ୍ୟରୁ ଅଧିକାର ଜନ୍ମ ନିଏ । ସମ୍ବିଧାନର ପ୍ରଥମ ଭାଗରେ କର୍ତ୍ତବ୍ୟ ମୌଳିକ କର୍ତ୍ତବ୍ୟ ବିଷୟରେ ସୂଚନା ନଥିଲା । ଏହା ବିଶ୍ୱାସ ଥିଲା ଯେ, ନାଗରିକମାନେ ନିଜ ଇଚ୍ଛାରେ କର୍ତ୍ତବ୍ୟ ପାଳନ କରିବେ । କିନ୍ତୁ ୪୨ତମ ସମ୍ବିଧାନ ସଂଶୋଧନ ଆଇନ୍‌ରେ ଦଶଗୋଟି ମୌଳିକ କର୍ତ୍ତବ୍ୟ ଚତୁର୍ଥ ଅଧ୍ୟାୟରେ ସମ୍ବିଧାନର ଧାରା ୫୧ କ ରେ ସଂଯୋଗ କରାଗଲା ।

### ୭.୬.୧ ମୌଳିକ କର୍ତ୍ତବ୍ୟ ଗୁଡିକ ହେଲା

(କ) ସମ୍ବିଧାନ ମାନି ଚଳିବା ଓ ତାହାର ଆଦର୍ଶ ଓ ଅନୁଷ୍ଠାନ ଗୁଡିକୁ ଜାତୀୟ ପତାକା ଓ ଜାତୀୟ ସଂଗୀତକୁ ସମ୍ମାନ ଦେବା ।

(ଖ) ଆମର ଜାତୀୟ ସଂଗ୍ରାମକୁ ଅନୁପ୍ରେରିତ କରିଥିବା ମହତ ଆଦର୍ଶ ଗୁଡିକର ପୋଷଣ ଓ ଅନୁସରଣ କରିବା ।

(ଗ) ଭାରତର ସାର୍ବଭୌମତ୍ୱ, ଏକତା, ଅଖଣ୍ଡତା ବଜାୟ ରଖିବା ଓ ସୁରକ୍ଷା କରିବା ।

(ଘ) ଦେଶର ପ୍ରତିରକ୍ଷା କରିବା ଓ ଆହ୍ୱାନ ଆସିଲେ ଜାତୀୟ ସେବା ପ୍ରଦାନ କରିବା ।

(ଙ) ଧର୍ମଗତ, ଭାଷାଗତ ଓ ଆଞ୍ଚଳିକ କିମ୍ବା ଗୋଷ୍ଠୀଗତ ବିବିଧତା ଅତିକ୍ରମ କରି ଭାରତର ସମସ୍ତ ଜନସାଧାରଣଙ୍କ ମଧ୍ୟରେ ସୁମେଳ ଓ ଭ୍ରାତୃତ୍ୱ ଭାବ ପ୍ରୋତ୍ସାହିତ କରିବା ଓ ନାରୀ ଜାତିର ମର୍ଯ୍ୟାଦା ପ୍ରତି ସମ୍ମାନ ପ୍ରଦର୍ଶନ କରିବା ।

(ଚ) ମିଶ୍ର ସଂସ୍କୃତିର ସମୃଦ୍ଧ ପରମ୍ପରାକୁ ଗୁରୁତ୍ୱ ଦେବା ଓ ସାଇତିବା ।

(ଛ) ଜଙ୍ଗଲ, ହ୍ରଦ, ନଦୀ ଓ ବନ୍ୟପ୍ରାଣୀଙ୍କ ସମେତ ପ୍ରାକୃତିକ ପରିବେଶର ସୁରକ୍ଷା ଓ ଉନ୍ନତି କରିବା ।

(ଜ) ବୈଜ୍ଞାନିକ ମିଜାଜ, ମାନବବାଦ, ଜିଜ୍ଞାସୁ ଓ ସଂସ୍କାରଭାବ ବିକଶିତ କରିବା ।

(ଝ) ସରକାରୀ ସମ୍ପତ୍ତିକୁ ସୁରକ୍ଷା ଦେବା ଓ ହିଂସା ପରିହାର କରିବା ।

(ଞ) ବ୍ୟକ୍ତିଗତ ଓ ସମୂହ କାର୍ଯ୍ୟକଳାପର ସମସ୍ତ କ୍ଷେତ୍ରରେ ଉତ୍କର୍ଷ ସାଧନ ନିମନ୍ତେ ଉଦ୍ୟମ କରିବା ।



Notes

**ନୂତନ ଯୋଗ -**

(ଟ) ୮୬ତମ ସଂବିଧାନ ଆଇନ୍ ୨୦୦୨ ଧାରା ୫୧ କ (K)

(ଠ) ପ୍ରତ୍ୟେକ ପିତା ମାତା କିମ୍ବା ଅଭିଭାବକ ଛଅରୁ ଚଉଦ ବର୍ଷ ବୟସ ମଧ୍ୟରେ ଥିବା ନିଜର ଶିଶୁ କିମ୍ବା ପ୍ରତିପାଳ୍ୟ (wards)ଙ୍କୁ ଶିକ୍ଷା ପ୍ରଦାନ କରିବା ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୭.୫

**ଠିକ୍ ବା ଭୁଲ୍ ଲେଖ ।**

(i) ଅଧିକାର ଓ କର୍ତ୍ତବ୍ୟ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭଳି । (ଠିକ୍ / ଭୁଲ୍)

(ii) ମୌଳିକ ଅଧିକାର ମୂଳ ସମ୍ବିଧାନରେ ରହିଥିଲା । (ଠିକ୍ / ଭୁଲ୍)

(iii) ମୌଳିକ କର୍ତ୍ତବ୍ୟ ମୌଳିକ ଅଧିକାର ସହିତ ସୂଚୀତ ହୋଇଥିଲା । (ଠିକ୍ / ଭୁଲ୍)

(iv) ବର୍ତ୍ତମାନ ଦଶଗୋଟି ମୌଳିକ କର୍ତ୍ତବ୍ୟ ଅଛି । (ଠିକ୍ / ଭୁଲ୍)

## ୭.୬.୨ ମୌଳିକ କର୍ତ୍ତବ୍ୟର ପ୍ରକୃତି

ମୌଳିକ କର୍ତ୍ତବ୍ୟ ନାଗରିକମାନଙ୍କ ପାଇଁ ଆଚରଣ ବିଧି ପ୍ରକୃତିର । ମୌଳିକ କର୍ତ୍ତବ୍ୟ ମଧ୍ୟରୁ କେତେକ ଅବାସ୍ତବ । ମୌଳିକ କର୍ତ୍ତବ୍ୟ ସାବ୍ୟସ୍ତ ନଥିବାରୁ ଏହା ପ୍ରତି ଆଗ୍ରହ କମିଯାଉଛି । ଏହା ମଧ୍ୟରେ ଥିବା ଅନେକ କଷ୍ଟକର ଶବ୍ଦ ନାଗରିକମାନଙ୍କ ପ୍ରତି ବୁଝିବା କଷ୍ଟକର ଯଥା ସାର୍ବଭୌମତ୍ୱ ରକ୍ଷା କରିବା, ଅଖଣ୍ଡତା ଓ ପ୍ରାଚୀନକିର୍ତ୍ତୀ ପ୍ରଭୃତି ।

ସମାଲୋଚକମାନଙ୍କର ଅନେକ ତଥ୍ୟ ସତ୍ୟ ଅଟେ । ଏହା କୁହାଯାଇ ନପାରେ ଯେ, ଏହା କେବଳ ଗୋଟିଏ ଘୋଷଣା ଅଟେ ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୭.୬

ସଠିକ୍ ଉତ୍ତର ପ୍ରଦାନ କର ।

(i) ମୌଳିକ କର୍ତ୍ତବ୍ୟ ସାବ୍ୟସ୍ତଶୀଳ / ସାବ୍ୟସ୍ତଶୀଳ ନୁହେଁ

(ii) କର୍ତ୍ତବ୍ୟ ଗୁଡ଼ିକ ସ୍ୱଷ୍ଟ / ଅସ୍ୱଷ୍ଟ ।

## ଆମେ କ'ଣ ଶିକ୍ଷା କଲୁ

ରାଷ୍ଟ୍ର ନିର୍ଦ୍ଦେଶନାମା ନୀତି ସମ୍ବିଧାନର ଚତୁର୍ଥ ଅଧ୍ୟାୟରେ ଅନ୍ତର୍ଭୁକ୍ତ କରାଯାଇଛି । ସମ୍ବିଧାନର ପ୍ରଣେତାମାନେ ଏହି ନୀତିଗୁଡ଼ିକୁ ସାମାଜିକ ଓ ଅର୍ଥନୈତିକ ସମାନତା ଆଣିବା ପାଇଁ ଅନ୍ତର୍ଭୁକ୍ତ କରି ଅଛନ୍ତି । ଏହି ନୀତିଗୁଡ଼ିକ ସରକାର ପ୍ରତି ଏକ ନିର୍ଦ୍ଦେଶ ଅଟେ । ଯାହାଦ୍ୱାରା ସାମୁହିକ ଉନ୍ନତି ପାଇଁଏହାକୁ ବ୍ୟବହାର କରାଯାଇ ପାରିବ । ଏହି ନୀତି ଗୁଡ଼ିକ ସାବ୍ୟସ୍ତଶୀଳ ନୁହେଁ ଓ ବିଚାରାଳୟ ଦ୍ୱାରା ସମର୍ଥିତ ନୁହେଁ । ସୁବିଧା ଦୃଷ୍ଟିରୁ ଏହାକୁ ଚାରିଭାଗରେ ବିଭକ୍ତ କରାଯାଇଛି ।



Notes



(i) ସାମାଜିକ - ଅର୍ଥନୈତିକ ନୀତି

(ii) ଗାନ୍ଧୀବାଦ

(iii) ଆନ୍ତର୍ଜାତୀକ ଶାନ୍ତି ଓ ସୁରକ୍ଷା

(iv) ବିବିଧ

ରାଷ୍ଟ୍ର ନିର୍ଦ୍ଦେଶନାମା ନୀତି ସାର୍ବଜନୀନ ଶିକ୍ଷା, ଶିଶୁ ଶ୍ରମିକ ଉଚ୍ଛେଦ ଓ ନାରୀମାନଙ୍କର ମର୍ଯ୍ୟାଦାର ଉନ୍ନତି ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରିଅଛି । ସେମାନେ ଜନମଙ୍ଗଳ ରାଷ୍ଟ୍ରର ପ୍ରତିଷ୍ଠା ଓ ଅର୍ଥନୈତିକ ଓ ସାମାଜିକ ଗଣତନ୍ତ୍ର ହାସଲ କରିବାର ଯୋଜନା ପ୍ରସ୍ତୁତ କରିଅଛନ୍ତି ।

ମୌଳିକ ଅଧିକାର ଓ ରାଷ୍ଟ୍ର ନିର୍ଦ୍ଦେଶନାମା ମଧ୍ୟରେ ଗରୁତ୍ୱପୂର୍ଣ୍ଣ ପାର୍ଥକ୍ୟ ରହିଛି । ମୌଳିକ ଅଧିକାର ସାବ୍ୟସ୍ତଶୀଳ ଓ ରାଷ୍ଟ୍ର ନିର୍ଦ୍ଦେଶନାମା ନୀତି ଅସ୍ତି ସୂଚକ ଅଟେ । ସେହି ସମୟରେ ସେମାନଙ୍କ ମଧ୍ୟରେ ଗୋଟିଏ ଉତ୍ତମ ସଂପର୍କ ରହିଛି । ସେମାନଙ୍କର ସାମାଜିକ ଓ ଅର୍ଥନୈତିକ ଗଣତନ୍ତ୍ର ଆଣିବା ପାଇଁ ସମାନ ଗୁରୁତ୍ୱ ରହିଛି । ନ୍ୟାୟ ପାଳିକା ନିର୍ଦ୍ଦେଶନାମା ନୀତି କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ପ୍ରଦାନ କରୁଅଛି ।

ଅଧିକାର ଓ କର୍ତ୍ତବ୍ୟ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି । ସମାଜର ମଙ୍ଗଳ ପାଇଁ ଅଧିକାର ଓ କର୍ତ୍ତବ୍ୟ ସମସ୍ତେ ସମାନ ପ୍ରସଙ୍ଗକୁ ନିଶ୍ଚିତ ସମର୍ଥନ କରିବେ ।

## ପାଠ୍ୟାନ୍ତ ପ୍ରଶ୍ନାବଳୀ

୧। ରାଷ୍ଟ୍ରୀୟ ନିର୍ଦ୍ଦେଶନାମା ନୀତିର ପ୍ରକୃତି ବର୍ଣ୍ଣନା କର ? ଏହା ପଛରେ କ'ଣ ନ୍ୟାୟିକ ସମର୍ଥନ ରହିଛି ?

୨। ରାଷ୍ଟ୍ରୀୟ ନିର୍ଦ୍ଦେଶନାମା ନୀତିର ପ୍ରକାର ଭେଦ ବିଷୟରେ ଆଲୋଚନା କର ।

୩। କିପରି ରାଷ୍ଟ୍ର ନିର୍ଦ୍ଦେଶନାମା ନୀତି ସାର୍ବଜନୀନ ଶିକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରିପାରିବ ? ସମୀକ୍ଷା କର ?

୪। ମୂଲ୍ୟ ନିରୂପଣ କର - ଶିଶୁ ଶ୍ରମିକ ଓ ନାରୀର ମର୍ଯ୍ୟାଦା ।

୫। ରାଷ୍ଟ୍ର ନିର୍ଦ୍ଦେଶନାମା ନୀତିର କାର୍ଯ୍ୟକାରିତା ଉପରେ ରାଷ୍ଟ୍ରର ଭୂମିକା ବିଷୟରେ ଆଲୋଚନା କର ?

୬। ମୌଳିକ ଅଧିକାର ଓ ରାଷ୍ଟ୍ର ନିର୍ଦ୍ଦେଶନାମା ନୀତି ମଧ୍ୟରେ ଥିବା ସଂପର୍କ ବିଷୟରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କର ?

୭। ମୌଳିକ କର୍ତ୍ତବ୍ୟର ଆମ ସମ୍ବିଧାନକୁ ପ୍ରତ୍ୟାବର୍ତ୍ତନ ?

## ବିଷୟ ଭିତ୍ତିକ ପ୍ରଶ୍ନର ଉତ୍ତର

**୭.୧**

୧। ଗାନ୍ଧୀବାଦୀ

୨। ସାମାଜିକ ଓ ଅର୍ଥନୈତିକ

୩। ସାମାଜିକ ଓ ଅର୍ଥନୈତିକ

୪। ସାମାଜିକ ଓ ଅର୍ଥନୈତିକ

୫। ବିବିଧ

୬। ବିବିଧ

**୭.୨**

୧। ୧୪ %

୨। ୧୯୮୬

୩। ମୌଳିକ ଅଧିକାର

୪। ରାଷ୍ଟ୍ର ନିର୍ଦ୍ଦେଶନାମା ନୀତି

୫। ୧୯୮୫

**୭.୩**

୧। ଜନ ମଙ୍ଗଳ

୨। ନ୍ୟାୟ ସଂଗତ

୩। ଜମିଦାରୀ

୪। ସାନ

୫। ୭୩ ତମ

**୭.୪**

୧। ଅସ୍ତିବାଚକ

୨। ବ୍ୟକ୍ତିଗତ

୩। ଅର୍ଥଗତ

୪। ଘନିଷ୍ଠ

**୭.୫**

୧। ହଁ

୨। ନା

୩। ହଁ

୪। ନା

**୭.୬**

୧। ସାବ୍ୟସ୍ତଶୀଳ ନୁହେଁ –

୨। ଅସ୍ପଷ୍ଟ

## ପାଠ୍ୟାନ୍ତ ଅଭ୍ୟାସ ପାଇଁ ସୂଚନା

୧। ବିଭାଗ ୭. ୧ ଏବଂ ୭. ୨

୨। ବିଭାଗ ୭. ୨

୩। ବିଭାଗ ୭. ୩. ୧

୪। ବିଭାଗ ୭. ୩. ୨ ଓ ୭. ୩. ୩

୫। ବିଭାଗ ୭. ୪

୬। ବିଭାଗ ୭. ୫. ୧

୭। ବିଭାଗ ୭. ୬. ୧